22 YEARS
ସମ୍ବାଦ କଳିକା
ଭୁବନେଶ୍ବର ୧୧ ମେ ୨୦୧୬, ବୁଧବାର

ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ଓଡ଼ିଆ ପରୀକ୍ଷାର୍ଥୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ବର,ନ୍ୟୁଜ୍ ବ୍ୟୁରୋ

ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାର ଫଳ ପ୍ରକାଶ ପାଇବା ପରେ ଏଥିରେ ସଫଳତା ହାସଲ କରିଥିବା ଓଡ଼ିଆ ପରୀକ୍ଷାର୍ଥୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଓଡ଼ିଆ ଛାତ୍ରଛାତ୍ରୀମାନେ ସେମାନଙ୍କ ଦକ୍ଷତା ସର୍ବଭାରତୀୟ ସ୍ତରରେ ପ୍ରମାଣିତ କରିଛନ୍ତି । ଆଗାମୀ ଦିନରେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବରେ ସେମାନେ ତାଙ୍କର ପରାକାଷ୍ଠା ପ୍ରଦର୍ଶନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ଏକତ୍ରିକୃତ ପୌରକର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଧାରଣାରତ କର୍ମଚାରୀ ମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବୁଝା ଶୁଝା କରିବା ସହ ରାଜ୍ୟ ସରକାରଙ୍କର ଉଚ୍ଚ କୁଶଳୀ ଓ ଅଣକୁଶଳୀମାନଙ୍କୁ ପ୍ରଦାନ କରାଯାଉ ଥିବା ପ୍ରାପ୍ୟ ଅନୁଯାୟୀ ତୃତୀୟ ଶ୍ରେଣୀ କର୍ମଚାରୀମାନଙ୍କୁ ୭ହଜାର ୮ଶହ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ୭ହଜାର ୨ଶହ ଟଙ୍କା ହାରରେ ୧୨ମାସର ବକେୟା ପ୍ରାପ୍ୟ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣାରତ କର୍ମଚାରୀମାନେ ଆନ୍ଦୋଳନକୁ ପ୍ରତ୍ୟାହୃତ ହୋଇଥିଲେ । ସୂଚନା ଅନୁଯାୟୀ ଏପ୍ରିଲ ୨୦୧୫ରେ ୨୦୧୩-୧୪ ର ଲୋକାଲ ଫଣ୍ଡ ଅଡିଟ ରିପୋର୍ଟ ଆସିବା ପରେ ପୌରଅଧିକାରୀ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ୫ହଜାର ୨ଶହ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ୪ହଜାର ୪୪୦ଟଙ୍କା ପ୍ରଦାନ କରାଯିବା ନିଷ୍ପତ୍ତିକୁ କର୍ମଚାରୀମାନେ ଗ୍ରହଣ କରୁନଥିଲେ । ମାତ୍ର ରାଜ୍ୟ ସରକାରଙ୍କର ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ.୨୬୪୪, ତା.୦୧.୦୨.୨୦୧୬ ରିଖରେ ମାଧ୍ୟମରେ ଜଣାଇଛନ୍ତି ଯେ ଲୋକାଲ ଫଣ୍ଡ ଅଡିଟ୍ ଦେଇଥିବା ରିପୋର୍ଟ ଅନୁଯାୟୀ କାର୍ଯ୍ୟରତ ଥିବା ଏକତ୍ରିକୃତ ୪୨ଜଣ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବାକୁ ଧାର୍ଯ୍ୟ ହୋଇଥିବା ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ୧୦ହଜାର ଟଙ୍କା, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ୯ହଜାର ଟଙ୍କା ପ୍ରଦାନ ଦାବି କରି ଆସୁଥିଲେ । କିନ୍ତୁ କର୍ମଚାରୀମାନେ ସେମାନଙ୍କର ଦାବିକୁ ରାଜ୍ୟ ସରକାରଙ୍କର ନଗର ଉନ୍ନୟନ ବିଭାଗ ସମେତ ସ୍ଥାନୀୟ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନପାଇବାରୁ ବାଧ୍ୟହୋଇ ଧାରଣାରେ ବସିରହିଥିଲେ । ପୌରପରିଷଦର କାର୍ଯ୍ୟରତ ୪୨ଜଣ ଏକତ୍ରୀକୃତ କର୍ମଚାରୀ ୨ଦଫା ଦାବିକୁ ନେଇ ଗତ ୪ତାରିଖରୁ ଚାଲୁ ରଖିଥିବା ଧାରଣାକୁ ମଙ୍ଗଳବାରଠାରୁ ସ୍ଥଗିତ ରଖିଛନ୍ତି । କର୍ମଚାରୀମାନଙ୍କ ସେବାକୁ ନିୟମିତ କରିବା ବିଷୟ ସରକାରଙ୍କ ନିକଟରେ ବିଚାରାଧିନ ରହିଛି । ଏନେଇ ସରକାରଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ଧାରଣାରତ କର୍ମଚାରୀମାନେ ସେମାନଙ୍କର ଧାରଣାକୁ ସ୍ଥଗୀତ କରିଥିବା ନେଇ ଏକ ପ୍ରେସ୍ ବିବୃତ୍ତିରେ ସଂଘର ସଂପାଦକ ଜୟକୃଷ୍ଣ ଦାସ ଜଣାଇଛନ୍ତି । ଗତ ସୋମବାର ଦିନ ଜିଲ୍ଲାପାଳ କର୍ମଚାରୀମାନଙ୍କୁ ଡକାଇ ସେମାନଙ୍କର ଅସୁବିଧା ସଂପର୍କରେ ବୁଝିବା ନିମନ୍ତେ ସ୍ଥାନୀୟ ଜିଲ୍ଲାପରିଷଦର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାୟୀତ୍ୱ ଦେବା ସହ ଲୋକାଲ ଫଣ୍ଡ ଅଡିଟର ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ଖୁବ୍ ଶୀଘ୍ର ଦରମା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ତେଲ ଦର ବୃଦ୍ଧି ପ୍ରତିବାଦରେ ସିପିଆଇଏମର ବିକ୍ଷୋଭ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଆନ୍ତର୍ଜାତିକ ବଜାରରେ ତେଲ ଦର କମିଥିଲା ବେଳେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି କରି ଚାଲିଛନ୍ତି । ଯାହା ଦ୍ୱାରା ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଅତ୍ୟାବଶ୍ୟକ ଦ୍ରବ୍ୟର ଦରବୃଦ୍ଧି ଘଟୁଛି । ସାଧାରଣ ଲୋକଙ୍କ ଜୀବନ ଧାରଣ ପାଇଁ ଏହା ବୋଝ ଉପରେ ଲଳିତା ବିଡା ହୋଇଛି । ଏହି ତୈଳଦର ବୃଦ୍ଧିକୁ ବିରୋଧ କରି ଜିଲ୍ଲା ସିପିଏମ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଚନ୍ଦ୍ରକାନ୍ତ ବିଶ୍ୱାଳ, ସେକ କମର, ରାଧା ଦାସ, ମଳୟ ଭୋଇ, ବିଷ୍ଣୁ ଦାଶ, ଗିରିଧାରୀ ନାଥ ପ୍ରମୁଖଙ୍କ ନେତୃତ୍ୱରେ ଶୋଭାଯାତ୍ର ଅନୁଷ୍ଠିତ ହେବା ପରେ ଜିଲ୍ଲାପାଳଙ୍କ ଫାଟକ ନିକଟରେ ନିରଞ୍ଜନ ପାଣିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ପାଢୀ, କଳ୍ପତରୁ ଜେନା ପ୍ରମୁଖ ଭାଷଣ ଦେଇ ସରକାରଙ୍କ ତୈଳ ନୀତିକୁ ବିରାଧ କରିଥିଲେ । ପରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ କେନ୍ଦ୍ର ତୈଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇ ଏଥିରେ ତୈଳ ଉପରୁ ଟିକସ ଛାଡ କରିବାକୁ ଦାବି ଉପସ୍ଥାପନ କରାଯାଇଥିଲା ।

ଇଟିଭି ନ୍ୟୁଜ୍ ଓଡ଼ିଆର ପ୍ରଥମ ସ୍ୱନକ୍ଷତ୍ର ସମାରୋହ

ନିରପେକ୍ଷତା ପାଇଁ ଇଟିଭି ସମସ୍ତଙ୍କ ପ୍ରିୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ବର : ନ୍ୟୁଜ୍ ବ୍ୟୁରୋ

ଖବର ପରିବେଷଣ ଚାଲିଛି ପ୍ରତିଯୋଗିତା । ହେଲେ ଏହା ଭିତରେ ନୈତିକତା ଏବଂ ଦାୟିତ୍ୱବୋଧକୁ ଗଣମାଧ୍ୟମ ଭୁଲିଯିବା ଉଚିତ ନୁହେଁ । ନିରପେକ୍ଷ ଏବଂ ସତ୍ୟ ଖବର ପାଇଁ ଇଟିଭି ଲୋକଙ୍କ ନିକଟତର ହୋଇପାରିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭୁବନେଶ୍ବର ହୋଟେଲ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ଇଟିଭି ନ୍ୟୁଜ୍ ଓଡ଼ିଆର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଇଟିଭି ନ୍ୟୁଜ୍ ଓଡ଼ିଆର ଯାତ୍ରାକୁ ପ୍ରଶଂସା କରିଛନ୍ତି । ଉତ୍ସବରେ ପୌରୋହିତ୍ୟ କରି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଖବର ପରିବେଷଣରେ ବିଶ୍ୱସନୀୟତା ରକ୍ଷା କରିବା ସହ ନିଜର ସାମାଜିକ ଦାୟିତ୍ୱ ତୁଲାଇ ଆସିଛି ଇଟିଭି । ଜନତାଙ୍କ ସ୍ୱର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଇଟିଭି ନ୍ୟୁଜ୍ ଓଡ଼ିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁ ବୋଲି ଆଶା କରୁଥିଲେ କେନ୍ଦ୍ରମନ୍ତ୍ରୀ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭୁବନେଶ୍ବର ସାଂସଦ ପ୍ରସନ୍ନ ପାଟଶାଣୀ ଇଟିଭି ନ୍ୟୁଜ୍ ଓଡ଼ିଆ ଚ୍ୟାନେଲ୍‌ର ଉତ୍ତୋରତ୍ତ ଉନ୍ନତି କାମନା କରିଥିଲେ । ଇଟିଭି ନ୍ୟୁଜ୍ ନେଟ୍‌ୱର୍କ ହେଡ୍ ଜଗଦୀଶ ଚନ୍ଦ୍ର ତାଙ୍କ ଅଭିଭାଷଣରେ କହିଛନ୍ତି, ଇଟିଭି ଦେଶର କୋଣକୋଣକୁ ଛୁଇଁଛି, ଓଡ଼ିଶାର ଗାଁ ଗାଁରେ ପହଞ୍ଚିଛି । ସ୍ୱଚ୍ଛ, ନିରପେକ୍ଷ ଖବର ପରିବେଷଣ କରି ନେତା, ଜନତା, ପ୍ରଶାସକ ସମସ୍ତଙ୍କ ପ୍ରିୟ ହୋଇପାରିଛି ଇଟିଭି । କଥାରେ ନୁହେଁ, ଦେଶର ଏକ ଜାତୀୟ ଇଲେକ୍ଟ୍ରୋନିକ ଗଣମାଧ୍ୟମ ଭାବେ ନିଜକୁ ପ୍ରତିଷ୍ଠା କରାଇପାରିଛି ଇଟିଭି । ଓଡ଼ିଶାର ବିକାଶ ପାଇଁ ନେଟ୍‌ୱର୍କ ହେଡ୍ ଜଗଦୀଶ ଚନ୍ଦ୍ର । ଇଟିଭି ନ୍ୟୁଜ୍ ଓଡ଼ିଆର ପ୍ରଥମ ସ୍ୱନକ୍ଷତ୍ର ଉପଲକ୍ଷେ ମଞ୍ଚ ଉପରେ କେକ୍ କାଟିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଉତ୍ସବରେ ଇଟିଭି ନ୍ୟୁଜ୍ ଓଡ଼ିଆର ସମ୍ପାଦକ ଭକ୍ତ ତ୍ରିପାଠୀ, ଇଟିଭି ନେଟ୍‌ୱର୍କର ଏକ୍‌ଜିକ୍ୟୁଟିଭ୍ ଏଡ଼ିଟର ଡଃ ମୀନା ଶର୍ମା, କନସଲଟିଂ ଏଡ଼ିଟର ଗିରିରାଜ ଶର୍ମା, ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ୍ ଏଡ଼ିଟର ରାହୁଲ ସିଂ, ହେଡ୍ ନ୍ୟୁଜ୍ କଣ୍ଟ୍ରୋଲ ରୁମ୍ ମହେଶ ଶର୍ମା, ଏଡ଼ିଟର ନୂଆଦିଲ୍ଲୀ ଅସିତ୍ କୁନାଲ, ଇଟିଭି ନ୍ୟୁଜ୍ ଓଡ଼ିଆ ଆସୋସିଏଟ୍ ଏଡ଼ିଟର ମାୟାଧର ପ୍ରଧାନ, ଆସୋସିଏଟ୍ ଏଡ଼ିଟର ଶରତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏ ଅବସରରେ ପୁରୁଣା ସୁପରହିଟ୍ ହିନ୍ଦୀ ସଂଗୀତକୁ ନେଇ ଅଡ଼ିଓ-ଭିଜୁଆଲ ଆକର୍ଷଣୀୟ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ସୋ ପରିବେଷଣ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

‘ଏଭଳି ଆତ୍ମିକ ...

ସେମାନଙ୍କ ବାବଦରେ କେଉଁଠାରେ ଆଲୋଚନା ହୁଏନାହିଁ, ତାଙ୍କ କଥାକୁ ସେ ପ୍ରବନ୍ଧ ସାହିତ୍ୟରେ ଆଲୋଚନା କରି ଲୋକଲୋଚନକୁ ଆଣିପାରିଛନ୍ତି । ଶ୍ରୀ ପଟ୍ଟନାୟକ କବିତା, ଗଳ୍ପ ତଥା ଶିଶୁସାହିତ୍ୟ ରଚନା କରିଥିଲେ ବି ପ୍ରବନ୍ଧ ସାହିତ୍ୟକୁ ସ୍ୱାଧୀନତା ପରେ ଠିକଣା ବାଟ ଦେଖାଇବାରେ ସଫଳ ହୋଇଛନ୍ତି । ତାଙ୍କ ଆତ୍ମଜୀବନୀ ଜୀବନର ଚଲାପଥେ, ଓଡ଼ିଆ ସାହିତ୍ୟର ଇତିହାସ, ସାହିତ୍ୟ ଓ ସଂସ୍କୃତି ଆଦି ପୁସ୍ତକ ତାଙ୍କୁ ବେଶ୍ ପ୍ରସିଦ୍ଧି ଆଣିଦେଇଛି । ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ‘କଥା କଳିକା’ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି ଓଡ଼ିଆ କଥାସାହିତ୍ୟର ଅନନ୍ୟ ଲେଖିକା ବାମାବାଦୀ ଚେତନାର ସାର୍ଥକ କଥାଶିଳ୍ପୀ ବୀଣାପାଣି ମହାନ୍ତି ନାରୀମାନେ ଯେ ପୁରୁଷମାନଙ୍କ ସମକକ୍ଷ, ତାହା ତାଙ୍କ ଗଳ୍ପ ମାଧ୍ୟମରେ ଅନେକବାର ପ୍ରମାଣିତ କରିଛନ୍ତି । ନିଷ୍ପେଷିତ, ଅବହେଳିତ ମଣିଷମାନଙ୍କୁ ତାଙ୍କ ଗଳ୍ପରେ ଚିତ୍ର ଦେବା ସହ ଯେଉଁ ଅବହେଳିତ ନାରୀମାନେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିପାରୁନାହାନ୍ତି, ତାଙ୍କ ପାଇଁ ବୀଣାପାଣି ମହାନ୍ତିଙ୍କ କଥାସାହିତ୍ୟ ନିବେଦିତ ହୋଇଛି । ତାଙ୍କର କଥାସାହିତ୍ୟ, ଉପନ୍ୟାସ, ଗଳ୍ପ, କବିତାରେ ସେ ପରିସ୍ଫୁଟ କରାଇଛନ୍ତି ଅସହାୟ, ନିରୀହ, ସରଳ, କୋମଳ ମହିଳାଙ୍କ ଜୀବନଚିତ୍ର । କସ୍ତୁରୀମୃଗ ସମ, ପାଟଦେଇ ପରି ପାଞ୍ଚଶହରୁ ଉର୍ଦ୍ଧ୍ୱ ଗଳ୍ପ ସେ ରଚନା କରି ଓଡ଼ିଆ ଗଳ୍ପ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ସମ୍ବର୍ଦ୍ଧିତ କରିବା ଅବସରରେ ପତ୍ରିକାର ସମ୍ପାଦକ ଜୟାଶୀଷ ରାୟ ମତବ୍ୟକ୍ତ କରିଥିଲେ । ସେହିପରି ଶୈଳୀ ସମ୍ରାଟ ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ ଦେବ୍ରାଜ ଲେଙ୍କା ତାଙ୍କ ପ୍ରତିଟି କୃତିରେ ଓଡ଼ିଆ ଗଳ୍ପ ସାହିତ୍ୟ ସମାଜକୁ ରୁଦ୍ଧିମନ୍ତ କରିଆସିଛନ୍ତି । ସ୍ପଷ୍ଟବାଦୀତାର ସ୍ୱର ତାଙ୍କର ପ୍ରତ୍ୟେକଟି ସର୍ଜନାରେ ପ୍ରତିଫଳିତ ହୋଇଆସିଛି । ଓଡ଼ିଆ ଗଳ୍ପ ପ୍ରତି ତାଙ୍କର ଜୀବନବ୍ୟାପୀ ତ୍ୟାଗ ଓ ସାଧନା ପାଇଁ କଥାକଳିକା ପକ୍ଷରୁ ତାଙ୍କ ବାଙ୍କୀସ୍ଥିତ କୁଶପୁଙ୍ଗି ବାସଭବନଠାରେ ସମ୍ବର୍ଦ୍ଧନା କରାଯାଇଥିଲା । କଥା କଳିକାର ମୁଖ୍ୟ ସମ୍ପାଦିକା ସୁପ୍ରଭା ରାୟ, ସମ୍ପାଦକ ଜୟାଶୀଷ ରାୟ, କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଚରଣ ଷଡଙ୍ଗୀ, ସମ୍ବାଦ କଳିକାର ବାର୍ତ୍ତା ସମ୍ପାଦକ ଏସ୍.ଏ. କଲିମ୍, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହ, ସମ୍ବାଦ କଳିକାର କଟକ ପ୍ରତିନିଧି ଆଲୋକ ନାୟକ, ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ, ବିଶିଷ୍ଟ ଯୁବଗାଳ୍ପିକ ଅଜୟ ସ୍ୱାଇଁ ଓ ସମ୍ବାଦକଳିକାର ଫଟୋ ସାମ୍ବାଦିକ ସଦାନନ୍ଦ ରଣା ପ୍ରମୁଖ ସେମାନଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ, ଉପଢୌକନ ତଥା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଦୀର୍ଘ, ନିରାମୟ ଜୀବନ କାମନା କରିଥିଲେ ।

ତଥାପି ଅଚଳ.....

ଏହି କାରଣରୁ ଗୃହ କୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ଅପରାହ୍ଣ ୩ଟାରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଯାଇଥିଲା । ଗୃହକାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ଶ୍ରୀ ପୂଜାରୀ ପୂର୍ବାହ୍ଣ ୯ଟା ୩୦ରେ ସର୍ବଦଳୀୟ ବୈଠକ ବସିଥିଲେ ହେଁ ଆଲୋଚନା ଅସମାପ୍ତ ରହିଥିଲା । ଅପରାହ୍ଣ ୩ଟାରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ମଧ୍ୟ ଗୃହ ଚାଲିପାରିନଥିଲା । ଗୃହକୁ ୩ଟା ୧ ମିନିଟରୁ ଅପରାହ୍ଣ ୫ ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ୪ଟା ୩୦ରେ ବାଚସ୍ପତିଙ୍କ ଦ୍ୱାରା ଆହୁତ ସର୍ବଦଳୀୟ ବୈଠକରେ ମଧ୍ୟ ସମାଧାନର ସୂତ୍ର ବାହାରି ପାରିନଥିଲା । ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗ ଦେଉନଥିବାରୁ ବିରୋଧୀ ଜିଦ୍ ଧରି ବସିଥିଲେ । ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଠକକୁ ଆସିଥିଲେ । ତଥାପି ସମାଧାନର ସୂତ୍ର ବାହାରିଲା ନାହିଁ । ବାଚସ୍ପତି ଗୃହକୁ ବୁଧବାର ପୂର୍ବାହ୍ଣ ସାଢ଼େ ୧୦ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ସର୍ବଦଳୀୟ ବୈଠକରେ ମନ୍ତ୍ରୀ ଅରୁଣ ସାହୁ, ସଂଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ବିକ୍ରମ କେଶରୀ ଆରୁଖ ଙ୍କ ସହିତ ବିରୋଧୀ ଦଳର ନେତା ନରସିଂହ ମିଶ୍ର, ବିଜେପି ବିଧାୟକ ଦଳର ନେତା ବସନ୍ତ ପଣ୍ଡା, ସରକାରୀ ମୁଖ୍ୟ ସଚେତକ ଅନନ୍ତ ଦାସ, କଂଗ୍ରେସ ଦଳର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀ ପତି, ବିଜେପି ବିଧାୟକ ରବି ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସର୍ବଦଳୀୟ ବୈଠକ ସଫଳ ହୋଇ ନଥିଲେ ମଧ୍ୟ କୌଣସି ଦଳ ବିଫଳ ବୋଲି କହିନାହାନ୍ତି । ବଧବାର ଦିନ ଗୃହ ସ୍ୱାଭାବିକ ହେବ ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର ଆଶା ପ୍ରକଟ କରିଛନ୍ତି । । ଶାସକ ଦଳ ମୁଖ୍ୟ ସଚେତକ ଅନନ୍ତ ଦାସ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି ।

ଦିଲ୍ଲୀର ଟିନା.....

ଏବର୍ଷ ଭାରତୀୟ ପ୍ରଶାସନିକ ସେବା, ଭାରତୀୟ ବିଦେଶ ସେବା, ଭାରତୀୟ ପୋଲିସ୍ ସେବା ପାଇଁ ମୋଟ ୧୦୭୮ ପ୍ରାର୍ଥୀ ସଫଳ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଓଡ଼ିଶାରୁ ୨୬ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସାଧାରଣ ବର୍ଗର ୪୯୯ ଜଣ, ଓବିସିର ୩୧୪ ଜଣ, ଏସ୍‌ସି ବର୍ଗର ୧୭୬ ଜଣ ଓ ଏସ୍‌ଟି ବର୍ଗର ୮୯ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଭାରତୀୟ ପ୍ରଶାସନିକ ସେବା ପାଇଁ ୧୮୦ ଜଣ ସଫଳ ହୋଇଥିବା ବେଳେ ଭାରତୀୟ ବିଦେଶ ସେବା ପାଇଁ ୪୫, ଭାରତୀୟ ପୁଲିସ୍ ସେବା ପାଇଁ ୧୫୦ ଜଣ ପ୍ରାର୍ଥୀ ସଫଳ ହୋଇଛନ୍ତି । କେନ୍ଦ୍ରୀୟ ସେବା ଗ୍ରୁପ୍ -ଏ ପାଇଁ ୭୨୮ ଜଣ ଓ ଗ୍ରୁପ୍-ବି ପାଇଁ ୬୧ ଜଣ କୃତକାର୍ଯ୍ୟ ହୋଇଛନ୍ତି । ୧୭୨ ଜଣ ପ୍ରାର୍ଥୀଙ୍କ ପାଇଁ ରିଜର୍ଭ ସୂଚୀ ଜାରି କରାଯାଇଛି । ଏହି ସର୍ବଭାରତୀୟ ପରୀକ୍ଷାରେ ଓଡ଼ିଶାରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୨୬ ତମ ସ୍ଥାନରେ ଦିବ୍ୟଜ୍ୟୋତି ପରିଡା ରହିଥିବା ବେଳେ ୮୧ତମ ସ୍ଥାନରେ ଅନୁପମ ମିଶ୍ର, ୧୨୨ତମ ସ୍ଥାନରେ ଅଶୋକ ମିଶ୍ର, ୧୭୨ ସ୍ଥାନରେ କ୍ଷମା ମିଶ୍ର, ୧୯୯ ସ୍ଥାନରେ ସାଗରିକ ନାଥ, ୨୬୦ ସ୍ଥାନରେ ଅମିତାଭ ମିଶ୍ର, ୧୬୯ ସ୍ଥାନରେ ସ୍ମୃତି ମିଶ୍ର ଓ ୨୭୯ ସ୍ଥାନରେ ରାହୁଲ ଦେଓ ରହିଛନ୍ତି । ସେହିପରି ୩୪୧ ସ୍ଥାନରେ ଅଭିଳାଷ ମିଶ୍ର, ୩୬୭ ସ୍ଥାନରେ ଶୁଭଙ୍କର ମହାପାତ୍ର, ୩୯୮ ସ୍ଥାନରେ ଧୀମନ ବରାଇ, ୪୧୩ ସ୍ଥାନରେ ସୁମନ ସୌରଭ ମହାନ୍ତି, ୫୧୬ ସ୍ଥାନରେ ହିମାଦ୍ରି ଭୂଷଣ ବିଶ୍ୱାଳ, ୫୪୮ତମ ସ୍ଥାନରେ ଆଶିଷ କୁମାର ସେନାପତି, ୫୬୦ତମ ସ୍ଥାନରେ ଅପରାଜିତା ଦାସ, ୭୭୯ ତମ ସ୍ଥାନରେ ପ୍ରମୋଦ ନାୟକ, ୯୨୨ ତମ ସ୍ଥାନରେ ଲିଙ୍ଗରାଜ ନାୟକ, ୯୪୬ ତମ ସ୍ଥାନରେ ଶିତିକାନ୍ତ ଦାସ, ୯୭୪ ସ୍ଥାନରେ ଶ୍ରୀଧର ଦାସ, ୧୦୩୧ ସ୍ଥାନରେ ଦୀପକ କୁମାର ମୁର୍ମୁ ଓ ୧୦୭୫ ସ୍ଥାନରେ ଇନ୍ଦ୍ରଜିତ ପଣ୍ଡା ସଫଳତା ପାଇଛନ୍ତି । ୨୬ ତମ ର୍‍ୟାଙ୍କରେ ଥିବା ଦିବ୍ୟଜ୍ୟୋତି ପରିଡା କହିଛନ୍ତି, ପିତାମାତାଙ୍କର ସ୍ୱପ୍ନକୁ ମୁଁ ସଫଳ କରିଛି । ମୁଁ ଏହି ପରୀକ୍ଷାରେ ୨୬ ତମ ର୍‍ୟାଙ୍କରେ ଥିବାରୁ ମୋ ପାଇଁ ଓ ମୋ ପରିବାର ପାଇଁ ଏହା ବଡ କଥା । ଚେଷ୍ଟା କରୁଥିଲି, ଏତେବଡ ସଫଳତା ମିଳିଗଲା, ମୁଁ ବହୁତ ଖୁସି । ବାପା ମା ଓ ଶିକ୍ଷକଙ୍କ ପ୍ରୋତ୍ସାହନରେ ମୁଁ ଆଗକୁ ବଢିଛି । ସେମାନଙ୍କ ପାଇଁ ଏହି ଖବର ବହୁତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କଠାରୁ ବହୁ କିଛି ଶିକ୍ଷା କରି ଏହି ସଫଳତା ପାଇଛି । ମୁଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବଟାନୀରେ ସ୍ନାତକୋତ୍ତର କରୁଥିଲି । ଏହାପରେ ଆଇଏଏସ୍ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲି । ଏବେ ସଫଳତା ମିଳିଲା । ମତେ ବହୁତ ଖୁସି ଲାଗୁଛି ।ଶ୍ରେଷ୍ଠ ସ୍ଥାନରେ ଥିବା ଦିଲ୍ଲୀ ଝିଅ ଟିନା ଡାବି କହିଛନ୍ତି, ମୁଁ ଭାବି ପାରୁ ନାହିଁ, ଏହା ସ୍ୱପ୍ନ ପରି ଲାଗୁଛି । ବିଶ୍ୱାସ କରିପାରୁ ନାହିଁ ଯେ ମୁଁ ଶ୍ରେଷ୍ଠ ସ୍ଥାନରେ ରହିଛି ବୋଲି । ମୋର ବିଶ୍ୱାସ ଥିଲା ଯେ ମୁଁ ସିଲେକ୍ସନ ହେବି । କିନ୍ତୁ ଶ୍ରେଷ୍ଠ ହେବି ତାହା ଭାବି ନ ଥିଲି । ମୁଁ ଏବେ ବହୁତ ଖୁସି ଅନୁଭବ କରୁଛି । ପ୍ରସ୍ତୁତିରେ ଟିକେ ବି ହେଳା କରି ନ ଥିଲି । ସେ ଆହୁରି ମଧ୍ୟ କହିଛନ୍ତି, ଧୈର୍ଯ୍ୟ, ଦୃଢ ଇଚ୍ଛାଶକ୍ତି ଓ ପରିବାର ସଦସ୍ୟଙ୍କ ସହଯୋଗ ଯୋଗୁଁ ଆଜି ମୁଁ ଏ ସଫଳତା ପାଇପାରିଛି ।

ଅପରାଧ ବଢ଼ିଛି .....

୨୬ଜଣ ସାଧାରଣ ନାଗରିକ, ୪ ସୁରକ୍ଷାକର୍ମୀ ଓ ୯ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ପୋଲିସ ଓ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନ ଫଳରେ ୫୩ଜଣ ମାଓବାଦୀଙ୍କୁ ଗିରଫ କରାଯିବା ସହ ୨୫୫ ମାରଣାସ୍ତ୍ର ଏବଂ ୧୬୮ ଆଇଇଡି ବିସ୍ଫୋରକ ତଥା ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା । ଏହାଛଡା ୬୪ଜଣ ମାଓବାଦୀ ତଥା ମିଲିସିଆ ଆତ୍ମସମର୍ପଣ କରିଥିଲେ । ୧୦୩୯ଜଣ ବ୍ୟକ୍ତି ମାଓବାଦୀଙ୍କଠାରୁ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିଥିଲେ । ମାଓବାଦୀ କାର୍ଯ୍ୟକଳାପ ଦମନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଉଭୟ ନିରାପତ୍ତା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଯୋଗୁଁ ଏହି ସଫଳତା ମିଳିଥିବା କୁହାଯାଇଛି ।ଶ୍ୱେତପତ୍ରରେ ଦର୍ଶାଯାଇଛି ଯେ, ୨୦୧୫ରେ ରାଜ୍ୟରେ ୨୦ଥର ହିନ୍ଦୁ-ମୁସଲମାନ ବିଦ୍ୱେଶ ଦେଖାଦେଇଥିବା ବେଳେ ୪ଥର ହିନ୍ଦୁ-ଖ୍ରୀଷ୍ଟିଆନ ବିଦ୍ୱେଶ ଦେଖାଦେଇଥିଲା । ତେବେ ପ୍ରଶାସନ ଓ ପୋଲିସର ସଠିକ୍ ପଦକ୍ଷେପ ଯୋଗୁ ତାହା ବଡଧରଣର ଆଇନଶୃଙ୍ଖଳା ପରିସ୍ଥିତିରେ ପରିଣତ ହୋଇନଥିଲା । ୨୦୧୫ବର୍ଷରେ ପୋଲିସ ତରଫରୁ ଦୁଇଥର ଗୁଳିଚାଳନା କରାଯାଇଥିଲା । ଯେଉଁଥିରେ ୩ଜଣ ସୁରକ୍ଷା କର୍ମୀ ଆହତ ହୋଇଥିବା ବେଳେ ଆଉ ୩ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଥିଲା । ଏଇ ବର୍ଷରେ ବିଭିନ୍ନ ରାଜନୈତିକଦଳ ଓ ସେମାନଙ୍କର ଛାମୁଆ ସଂଗଠନ ଏବଂ କେତେକ ଗୋଷ୍ଠୀ ବିଭିନ୍ନ ସ୍ଥାନରେ ୭୪ ଥର ବନ୍ଦ ପାଳନ, ୩୩୭ଥର ରାସ୍ତାରୋକ ଏବଂ ୨୯ଥର ରେଳରୋକ ଆନ୍ଦୋଳନ କରିଥିଲେ । ପୋଲିସ କାର୍ଯ୍ୟାନୁଷ୍ଠାନ ଫଳରେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା । ଶ୍ୱେତପତ୍ରରେ ଦର୍ଶାଯାଇଛି ଯେ, ୨୦୧୫ ମସିହାରେ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ ଆଇନରେ ୭୫ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ୪୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି । ସେହିପରି ଏଇ ବର୍ଷରେ ରୁଜୁ ହୋଇଥିବା ସର୍ବମୋଟ ୬୦୧୬ ଯୌତୁକ ଜନିତ ମାମଲା ମଧ୍ୟରୁ ୩୪୬୬ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି ଓ ୨୪୨୩ ମାମଲା ତଦନ୍ତାଧୀନ ରହିଛି । ଏହି ବର୍ଷରେ ରୁଜୁ ହୋଇଥିବା ୬୦୮ ମାମଲା ମଧ୍ୟରୁ ୩୪୨ରେ ଚାର୍ଜସିଟ୍ ଦାଖଲ ହୋଇଛି । ରାଜ୍ୟ କ୍ରାଇମବ୍ରାଞ୍ଚ ଏବଂ ଅର୍ଥନୈତିକ ଅପରାଧ କ୍ଷେତ୍ରରେ ଅନେକ ସଫଳତା ମିଳିଛି । ସେହିପରି ସ୍ୱତନ୍ତ୍ର ଟାସ୍କଫୋର୍ସ ମଧ୍ୟ ଏ କ୍ଷେତ୍ରରେ ସଫଳତା ହାସଲ କରିଛି । ଏହି ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ମାନବ ଓ ଶିଶୁ ଚାଲାଣ ରୋକିବା ପାଇଁ ରାଜ୍ୟର ପ୍ରତି ପୋଲିସ ଜିଲ୍ଲାରେ ୩୬ଟି ଏବଂ କ୍ରାଇମବ୍ରାଞ୍ଚ ଗୋଟିଏ ଏହିପରି ମୋଟ ୩୭ଟି ଶାଖା ଖୋଲାଯାଇଥିବା ବେଳେ ନିଖୋଜ ଶିଶୁଙ୍କୁ ଉଦ୍ଧାର ଓ ଥଇଥାନ ପାଇଁ ଅପରେସନ ସ୍ମାଇଲ କାର୍ଯ୍ୟକ୍ରମରେ ୩୩୫ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ଅର୍ଥନୈତିକ ଅପରାଧ ସଂକ୍ରାନ୍ତରେ ୨୫୫ଟି ମାମଲା ରୁଜୁ ହୋଇଥିବା ବେଳେ ୩୪ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି । ରାଜ୍ୟରେ ସଂଘଟିତ ହେଉଥିବା ଅର୍ଥନୈତିକ ଅପରାଧ ଗୁଡିକର ତୁରନ୍ତ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଇଛି । ଏହି ବର୍ଷରେ ଅର୍ଥନୈତିକ ଅପରାଧ ଶାଖା ୨୫ଟି ମାମଲାର ତଦନ୍ତ କରି ସେଥିରେ ସଂପୃକ୍ତ ବେଆଇନ ଅର୍ଥଲଗାଣ ତଥା ଚିଟଫଣ୍ଡ କାର୍ଯ୍ୟରେ ଜଡିତ ବକ୍ତିବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ତଦନ୍ତ ସମୟରେ ଏଥିରେ ସଂପୃକ୍ତଥିବା ୩୮ଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଶ୍ୱେତପତ୍ରରେ ଦର୍ଶାଯାଇଛି ।

ଭିଡ଼ିଓ ଲାଞ୍ଚ ....

ଆକାଉଣ୍ଟ ଜବତ କରାଯାଇଛି । ତେବେ ସେକ୍ଟର -୯ସ୍ଥିତ ଏହି ଘରର ଆନୁମାନିକ ମୂଲ୍ୟ ୯୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ହେବ ବୋଲି ଜଣାପଡ଼ିଛି । ଏଥି ସହ ସେକ୍ଟର-୭ରେ ତାଙ୍କର ଆଉ ଏକ ଘର ଅଛି ବୋଲି ଜଣାପଡ଼ିଛି ।

ଫ୍ଲୋର୍ ଟେଷ୍ଟରେ...

ଆସ୍ଥା ଭୋଟ୍ ପରେ ଶ୍ରୀ ରାୱତ୍ କହିଛନ୍ତି ଯେ, ଫ୍ଲୋର୍ ଟେଷ୍ଟ ପରେ ଏବେ ଉତ୍କଣ୍ଠା ବଢ଼ି ଯାଇଛି ଓ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି । ଆଜିର ମତଦାନ ରାଜ୍ୟର ହିତରେ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି । ଅପରପକ୍ଷରେ ବିଜେପି ବିଧାୟକ ମଦନ କୌଶିକ୍ ଗୃହରେ ହୋଇଥିବା ଫ୍ଲୋର୍ ଟେଷ୍ଟରେ ନିଜ ଦଳର ପରାଜୟ କଥାକୁ ସ୍ୱୀକାର କରିଛନ୍ତି । ମଙ୍ଗଳବାର ଦିନ ଆସ୍ଥା ଭୋଟ୍ ପ୍ରକ୍ରିୟା ଦିନ ୧୧ଟାରୁ ଆରମ୍ଭ ହୋଇ ୧୨ ଟା ପର୍ଯ୍ୟନ୍ତ ଚାଲିଥିଲା । ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବାଚସ୍ପତି ଘଣ୍ଟି ବଜାଇ ଅଧିବେଶନ ଆରମ୍ଭ ହେବାର ଘୋଷଣା କରିଥିଲେ । କଂଗ୍ରେସର ୯ ଜଣ ବିଦ୍ରୋହୀ ବିଧାୟକଙ୍କୁ ଛାଡ଼ି ବାକି ୬୨ ଜଣ ବିଧାୟକଙ୍କୁ ଫ୍ଲୋର୍ ଟେଷ୍ଟରେ ଭାଗ ନେବା ପାଇଁ ଅନୁମତି ନିଆଯାଇଥିଲା । ଏମାନଙ୍କ ମଧ୍ୟରେ ଜଣେ ମନୋନୀତ ସଦସ୍ୟ ବି ରହିଥିଲେ । ଇତି ମଧ୍ୟରେ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁଯାୟୀ ୨ ଘଣ୍ଟା ପାଇଁ ଉତ୍ତରାଖଣ୍ଡରେ ରାଷ୍ଟ୍ରପତି ଶାସନ ହଟାଇ ଦିଆଯାଇଥିଲା । ଧାର୍ଯ୍ୟ ସମୟ ପୂର୍ବରୁ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ ରାଜ୍ୟର ସୃଷ୍ଟି ହୋଇଥିବା ରାଜନୈତିକ ଶଙ୍କଟର ସମାଧାନ କରିବା ପାଇଁ ଧାର୍ଯ୍ୟ ହୋଇଥିବା ଏହି ଫ୍ଲୋର୍ ଟେଷ୍ଟ ସକାଶେ ବିଜେପି ଓ କଂଗ୍ରେସ ଦଳର ବିଧାୟକ ବିଧାନସଭାରେ ପହଞ୍ଚି ଯାଇଥିଲେ । ସୋମବାର ପୁରା ରାତି ବିଜେପି ଓ କଂଗ୍ରେସ ନିଜ ନିଜ ବିଧାୟକଙ୍କୁ ସାଙ୍ଗରେ ରଖିବା ସହିତ ବାକି ବିଧାୟକମାନଙ୍କର ସମର୍ଥନ ହାସଲ କରିବା ପାଇଁ ମାରାଥନ୍ କସରତ କରିଥିଲେ । ଏହାର ପରିଣାମ ସ୍ୱରୂପ କଂଗ୍ରେସ ବିଧାୟକ ରେଖା ଆର୍ଯ୍ୟଙ୍କୁ ମଙ୍ଗଳବାର ସକାଳେ ବିଜେପି ଶିବିରରେ ଦେଖିବାକୁ ମିଳିଥିବା ବେଳେ ବିଜେପି ବିଧାୟକ ଭୀମଲାଲ ଆର୍ଯ୍ୟଙ୍କୁ କଂଗ୍ରେସ ଶିବିରରେ ଦେଖିବାକୁ ମିଳିଥିଲା ।ବାଚସ୍ପତି ଗୋବିନ୍ଦ ସିଂ କୁଞ୍ଜୱାଲ୍ ସର୍ବପ୍ରଥମେ ପ୍ରବେଶ କରିଥିବା ବେଳେ ପ୍ରଥମେ ବିଜେପି ଓ ପରେ ପରେ କଂଗ୍ରେସ ବିଧାୟକମାନେ ଗୃହ ଭିତରକୁ ଆସିଥିଲେ । ଫ୍ଲୋର୍ ଟେଷ୍ଟ ୧୧ଟା ବେଳେ ଧାର୍ଯ୍ୟ ହୋଇଥିଲା । ଗୃହ ଭିତରେ ଓ ବାହାରେ ରାଜନୈତିକ ସରଗରମ ଦେଖିବାକୁ ମିଳିଥିଲା । ୧୨ ଘଣ୍ଟା ତଳେ ବହୁଜନ ସମାଜବାଦୀ ପାର୍ଟିର ଯେଉଁ ବିଧାୟକଙ୍କୁ ନେଇ କିଛିଟା ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା ମଙ୍ଗଳବାର ସକାଳେ ତାଙ୍କୁ କଂଗ୍ରେସ ଶିବିରରେ ଦେଖିବାକୁ ମିଳିଥିଲା । ପିଡ଼ିଏଫ୍‌ର ବାକି ୪ ଜଣ ବିଧାୟକ ମଧ୍ୟ କଂଗ୍ରେସ ବିଧାୟକଙ୍କ ସହିତ ମିଶି ରହିଥିବା ଦେଖିବାକୁ ମିଳିଥିଲା । ଗୃହ ଭିତରେ ମତ ବିଭାଜନ କେଉଁ ପ୍ରକ୍ରିୟାରେ ହେଲା ତାହାର ଭିଡ଼ିଓ ରେକର୍ଡ଼ିଂ କରାଯାଇଥିଲା । ସୁପ୍ରିମ୍‌କୋର୍ଟ ନିରପେକ୍ଷତାର ଯାଞ୍ଚ କରିବା ପାଇଁ ସମଗ୍ର ପ୍ରକରଣର ଭିଡ଼ିଓ ରେକର୍ଡ଼ିଂ କରିବା ପାଇଁ ଉତ୍ତରାଖଣ୍ଡର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଫ୍ଲୋର୍ ଟେଷ୍ଟ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍ ଅତ୍ୟନ୍ତ ଉତ୍ସାହିତ ରହିଥିଲେ । ସକାଳେ ନିଜ ବାସଭବନଠାରେ ବାହାରକୁ ଆସିବା ପୂର୍ବରୁ ନଡ଼ିଆ ଭାଙ୍ଗିଥିଲେ ଓ ଆତ୍ମବିଶ୍ୱାସ ସହ ମିଡ଼ିଆକୁ କହିଥିଲେ ଯେ, ଦୁଇ ମାସ ଧରି ଚାଲିଥିବା ରାଜନୈତିକ ଅସ୍ଥିରତାର ଅନ୍ତ ଆଜି ନିଶ୍ଚୟ ହୋଇଯିବ । ବିଏସ୍‌ପି ଓ ପିଡ଼ିଏଫ୍‌ର ବିଧାୟକମାନେ ଆମ ସହିତ ଅଛନ୍ତି । ଦେବୀଦେବତାମାନଙ୍କର ଆଶୀର୍ବାଦ ମଧ୍ୟ ମୋ ପ୍ରତି ରହିଛି । ରାଜ୍ୟର ହିତ ପାଇଁ ସବୁ ସହଯୋଗୀ ମୋ ସହିତ ଅଛନ୍ତି ବୋଲି ଶ୍ରୀ ରାୱତ୍ କହିବା ଘଟଣାରୁ ତାଙ୍କର ବିଜୟ ସମ୍ଭାବନା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । ସୋମବାରଠାରୁ କଂଗ୍ରେସର ବରିଷ୍ଠ ନେତା ଗୁଲାବ ନବୀ ଆଜାଦ୍ ଓ ଅମ୍ବିକା ସୋନୀ ନିଜ ଦଳର ବିଜୟ ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ବିଜେପିର ରାଷ୍ଟ୍ରୀୟ ମହାସଚିବ କୈଳାସ ବିଜୟବର୍ଗୀୟ ଓ ଶ୍ୟାମ ଜାଜୁ ଦଳର ବିଧାୟକମାନଙ୍କ ସହିତ ମଙ୍ଗଳବାର ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଥିଲା ।

ମୃତ୍ୟୁ ଦଣ୍ଡରେ...

ଖୁବ୍ ବ୍ୟସ୍ତ ଲାଗୁଛି । ସୂଚନାଯୋଗ୍ୟ ଯେ, ସୁରେନ୍ଦ୍ରନାଥ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ସାମ୍ବିଧାନିକ ନିୟମ ବିଭାଗର ପ୍ରଫେସର ଓ ସେ ଏହି ପ୍ରକଳ୍ପର ନେତୃତ୍ୱ ନେଉଛନ୍ତି । ଶ୍ରୀ ସୁରେନ୍ଦ୍ରନାଥ କହିଛନ୍ତି ଯେ, ମୃତ୍ୟୁଦଣ୍ଡକୁ ଉଠାଇ ନିଆଯିବା ବାବଦରେ ସେମାନେ କୌଣସି ମତ ଦେଇନଥିବା ବେଳେ ଏହି ପ୍ରକଳ୍ପ ନିଶ୍ଚିତ ଭାବରେ ଆମ ଦେଶରେ ମୃତ୍ୟୁଦଣ୍ଡକୁ କେଉଁଭଳି ଭାବରେ ଦେଖାଯାଉଛି ସେ ବିଷୟରେ ଅସ୍ୱସ୍ତିକର ତଥ୍ୟ ପ୍ରଦାନ କରିଛି । ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ଫୌଜଦାରୀ ବିଚାର ପ୍ରକ୍ରିୟାର ମୁଣ୍ଡବିନ୍ଧା ବିଷୟରେ ଜଣେ ଅବଗତ ହୋଇପାରିବ । ଏହା ରାଜ୍ୟର ଜେଲ୍ ଅବସ୍ଥା ଦର୍ଶାଉଥିବା ବେଳେ ସେଥିରେ ରହୁଥିବା ବନ୍ଦୀମାନେ ବଞ୍ଚିବେ କି ମରିବେ ତାହା ଶୁଣିବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିବା ଅତ୍ୟନ୍ତ ହୃଦୟ ବିଦାରକ ବୋଲି ଶ୍ରୀ ସୁରେନ୍ଦ୍ରନାଥ କହିଛନ୍ତି । ବନ୍ଦୀର ମୃତ୍ୟୁ-ଜୀବନର ଅନିଶ୍ଚିତତା ଅନ୍ୟକୌଣସି ପ୍ରକାରର ଜେଲ୍ ଦଣ୍ଡରେ ନଥାଏ ବୋଲି ସେ କହିଛନ୍ତି । ଜଣେ ମୃତ୍ୟୁଦଣ୍ଡରେ ଦଣ୍ଡିତ ଅପରାଧୀ ହରିକ୍ରିଷ୍ଣନ କହିଛନ୍ତି ଯେ, ‘ମୋତେ ଲାଗୁଛି ମୁଁ କଇଁଚିର ଦୁଇ ଧାର ମଧ୍ୟରେ ଫଶି ରହିଛି, ଯେଉଁଥିରୁ ଖସିବାର କୌଣସି ଉପାୟ ନାହିଁ ।’ଏହି ପ୍ରକଳ୍ପର ପ୍ରସ୍ତୁତ କରିଥିବା ରିପୋର୍ଟରେ ପୋଲିସ୍ ବିଭାଗକୁ କିଭଳି ପାଶବିକତା ମଧ୍ୟକୁ ଠେଲି ଦିଆଯାଉଛି ତାହା ପ୍ରକାଶ କରାଯାଇଛି । ହାଜତରେ ନିଆଯାଉଥିବା ସ୍ୱୀକାରୋକ୍ତି କୋର୍ଟରେ ଗ୍ରହଣୀୟ ନୁହେଁ ବୋଲି ଜଣାଥିଲେ ହେଁ ପୋଲିସ୍ ନିୟମିତ ଭାବେ ବନ୍ଦୀଙ୍କର ପରିବାରକୁ ଧମକ ଦେବା ଓ ସେମାନଙ୍କୁ ହଇରାଣ ହରକତ କରିବା ସାଧାରଣ କଥା ହୋଇଯାଇଛି । ବନ୍ଦୀ ଯେ ପର୍ଯ୍ୟନ୍ତ ସେମାନଙ୍କ କଥାରେ ରାଜି ହୋଇନାହିଁ ସେପର୍ଯ୍ୟନ୍ତ ସେଭଳି ଶୋଷଣ ଚାଲିଥାଏ ବୋଲି ଏହି ପ୍ରକଳ୍ପର ରିପୋର୍ଟରେ ସୂଚନା ରହିଛି । ଆହୁରି ମଧ୍ୟ କୁହାଯାଇଛି ଯେ, ବନ୍ଦୀଙ୍କ ପାଇଁ ରହିଥିବା ସାଧାରଣ ନିୟମକାନୁନକୁ ନିହାତି ଭାବେ ଉଲ୍ଲଂଘନ କରାଯାଏ । ଗରିବ ତଥା ଦଳିତ ବର୍ଗର ବନ୍ଦୀଙ୍କୁ ଅଧିକାଂଶ ସମୟରେ ଦଣ୍ଡିତ କରାଯାଉଥିବା ବେଳେ ଏହି ରିପୋର୍ଟରେ ପ୍ରକାଶ କରାଯାଇଛି ଯେ, ମୃତ୍ୟୁଦଣ୍ଡ ଦ୍ୱାରା ବନ୍ଦୀଙ୍କର ପରିବାର ମଧ୍ୟ ଦଣ୍ଡିତ ହେଉଛି ।

ମୁସଲିମ୍ ସାହିରେ ଜଳାଭାବ : ମହିଳାମାନେ ଘେରାଉ କଲେ ବ୍ଲକ୍

ଠାକୁରମୁଣ୍ଡା, ନ୍ୟୁଜ୍ ବ୍ୟୁରୋ

ଠାକୁରମୁଣ୍ଡା ବ୍ଲକର ଅଧିକାଂଶ ଗ୍ରାମ ଗୁଡ଼ିକରେ ଜଳାଭାବ ଦେଖା ଦେଇଥିବା ବେଳେ ଗ୍ରାମବାସୀମାନେ ନଦୀ, ପୋଖରୀ କିମ୍ବା ନାଳରେ ଚୁଆ ଖୋଳି ପାନୀୟ ଜଳ ବ୍ୟବହାର କରୁଥିବାର ଦେଖାଯାଇଛି । ସରକାର ଲୋକମାନଙ୍କ ପାନୀୟ ଜଳର ସମସ୍ୟା ସମାଧାନ କରିବା ପାଇଁ ପଞ୍ଚାୟତ ଗୁଡିକୁ ଲକ୍ଷ ଲକ୍ଷ ଟଙ୍କା ଦେଇଥିବା ବେଳେ ଠାକୁରମୁଣ୍ଡା ବ୍ଲକ୍‌ରେ ସବୁ ପଞ୍ଚାୟତ ରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏହି ପାନୀୟ ଜଳ ସମସ୍ୟା ଠାକୁରମୁଣ୍ଡା ବ୍ଲକ୍ ଦିଗଧର ପଞ୍ଚାୟତ ଖୁଣ୍ଟାପୋଷି ଗାଁର ମୁସ୍‌ଲିମ୍ ସାହିରେ ଦେଖିବାକୁ ମିଳିଛି । ଏହାର ପ୍ରତିବାଦ ସରୂପ ଆଜି ସକାଳ ୯ଟା ବେଳେ ଏହି ସାହିର ମୁସଲିମ୍ ମହିଳା ଓ ଗ୍ରାମବାସୀ ମାନେ ଗୋରା, ବାଲଟି ଓ ଡେଗଚି ଧରି ଠାକୁରମୁଣ୍ଡା ବ୍ଲକ୍ ଘେରାଉ କରିବା ସହ ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିଲେ । ସମସ୍ତ ମହିଳା ଆମକୁ ପିଇବା ପାଣି ଦିଅ ବୋଲି ସ୍ଲୋଗାନ ଦେଇଥିଲେ । ଗତ ମାସ ୨୫ ତାରିଖରେ ଏହି ମହିଳାମାନେ ବ୍ଲକ୍ ଆସି ବି.ଡି.ଓଙ୍କୁ ଲିଖିତ ଭାବେ ପାନୀୟ ଜଳ ସମସ୍ୟା ଜଣାଇବା ପରେ ବି.ଡି.ଓ ଜେ.ଇଙ୍କୁ ଡାକି ସମସ୍ୟା କିପରି ସମାଧାନ ହେବ ସେ ବିଷୟରେ ଆଲୋଚନା କରି ଖୁବ୍ ଶୀଘ୍ର ନଳକୂପ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ୧୫ଦିନ ବିତି ଯାଇଥିଲେ ମଧ୍ୟ ଏହି ସମସ୍ୟା ସମାଧାନ ହେଇପାର ନଥିଲା । ମଙ୍ଗଳବାର ମହିଳାମାନେ ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିଲେ । ବି.ଡି.ଓ ଉପସ୍ଥିତ ନ ଥିବା ହେତୁ ଅତିରିକ୍ତ ବି.ଡି.ଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗା କରି ଧାରଣାରେ ବସିଥିବା ମହିଳାମାନଙ୍କ ସହ କଥାବର୍ତ୍ତା କରାଇଥିଲେ । ଆସନ୍ତା ୨ଦିନ ଭିତରେ ନଳକୂପ ଖୋଳା ହେବା ପାଇଁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଓ ଅତିରିକ୍ତ ବି.ଡି.ଓ ପ୍ରତିଶ୍ରୁତି ଦେବା ପରେ ମହିଳା ଓ ଗ୍ରାମବାସୀ ମାନେ ଧାରଣା ଉଠିଥିଲେ ।

ପୁଣି ହ୍ୟାକ୍ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟର ୱେବସାଇଟ୍

ଭୁବନେଶ୍ବର, ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ଅନ୍‌ଲାଇନ୍ ନୁହେଁ ଅଫ୍‌ଲାଇନ୍‌ରେ ହେବ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ଆଡ୍‌ମିଶନ୍ । କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଶ୍ୱ ବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହେବା ପରେ ବସିଥିବା ପିଜି କାଉନ୍‌ସିଲ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପିଜି କାଉନସିଲ୍ ଅଧ୍ୟକ୍ଷ ରଞ୍ଜନ ବଳ କହିଛନ୍ତି ଯେ ଇ ଆଡମିଶନ ପାଇଁ ଖୋଲାଯାଇଥିବା ୱେବ୍‌ସାଇଟ୍‌ଟି ହ୍ୟାକ୍ ହୋଇଛି । ଏଥିପାଇଁ ଅଫ୍‌ଲାଇନ୍‌ରେ ଆଡମିଶନ୍ ପ୍ରକ୍ରିୟା କରାଯିବା ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଆବେଦନ କରିବାର ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି । ପୂର୍ବରୁ ଆବେଦନ କରିବାର ଶେଷ ତାରିଖ ମେ ୧୪ ରଖାଯାଇଥିବା ବେଳେ ଏହାକୁ ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ଜୁନ୍ ୯ ତାରିଖରୁ ୨୮ ତାରିଖ ମଧ୍ୟରେ ବିଶ୍ୱ ବିଦ୍ୟାଳୟର ସମସ୍ତ ବିଭାଗର ପ୍ରବେଶିକା ପରୀକ୍ଷା କରାଯିବ ବୋଲି ଶ୍ରୀ ବଳ କହିଛନ୍ତି । ଏହା ସହସେ କହିଛନ୍ତି ଯେ ହ୍ୟାକିଂ ଯୋଗୁଁ କୌଣସି ପ୍ରକାର ଡାଟା ନଷ୍ଟ ହୋଇନାହିଁ । ବର୍ତ୍ତମାନ ସୁଦ୍ଧା ୧୩ ହଜାର ୩୫୫ ଜଣ ଛାତ୍ରଛାତ୍ରୀ ଆଡମିଶନ ପାଇଁ ଆବେଦନ କରିଥିଲେ । ଇମେଲ ମାଧ୍ୟମରେ ସମ୍ପୃକ୍ତ ଆବେଦନକାରୀ ମାନଙ୍କୁ ସୂଚନା ଦିଆଯିବ ବୋଲି ସେ କହିଛନ୍ତି ଅନ୍ୟପକ୍ଷରେ ହ୍ୟାକିଂ ହୋଇଥିବା ନେଇ କ୍ରାଇମବ୍ରାଞ୍ଚର ସାଇବର୍ ସେଲ୍‌ରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଇ ଆଡମିଶନ ପାଇଁ ଖୋଲାଯାଇଥିବା ୱେସାଇଟ୍ ହ୍ୟାକ୍ ହୋଇଥିବା ନେଇ ମଙ୍ଗଳବାର ଜଣାପଡିଥିଲା । ୱେବସାଇଟ୍ ଖୋଲିଲେ ବିଭ୍ରାନ୍ତିକର ବାର୍ତ୍ତା ବାହାରିଥିଲା ।ୱେବସାଇଟ ହ୍ୟାକ୍ ହୋଇଥିବା ନେଇ ହ୍ୟାକର ଫେସବୁକ୍ ପେଜରେ ସୂଚନା ଦେଇଥିଲା । ଦୁବାଇର ଅହମ୍ମଦ ଚନ୍ଦା ନାଁରେ ଥିବା ଆକାଉଣ୍ଟରର ହୋମ୍ ପେଜରେ ଇଂରାଜୀରେ କ୍ୟାପିଟାଲ ଲେଟରରେ ମଲିକ ଲେଖାଥିବା ବେଳେ ଉର୍ଦ୍ଦୁରେ ମଧ୍ୟ କିଛି ଲେଖାରହିଥିଲା । ମାସକ ଭିତରେ ଉତ୍କଳ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଦୁଇ ଥର ହ୍ୟାକ୍ ହୋଇ ସାରିଲାଣି ।ଗତ ୩ ତାରିଖରେ ବିଶ୍ୱବିଦ୍ୟାଳୟର ଅଫିସିଆଲ୍ ୱେବ୍‌ସାଇଟ୍‌କୁ ହ୍ୟାକ୍ କରାଯାଇଥିଲା । ହ୍ୟାକର୍ ନିଜକୁ ପାକିସ୍ଥାନୀ ବୋଲି ଦର୍ଶାଇବା ସହ ପାକିସ୍ଥାନ ଜିନ୍ଦାବାଦ୍ ଲେଖି ପାକିସ୍ଥାନର ଜାତୀୟ ପତାକା ପୋଷ୍ଟ କରିଥିଲା । ପୂର୍ବଥର ହୋଇଥିବା ହ୍ୟାକିଂର ତଦନ୍ତ କ୍ରାଇମବ୍ରାଞ୍ଚ ଜାରି ରଖିଥିବା ବେଳେ ପୁଣି ଥରେ ବେସାଇଟ୍ ହ୍ୟାକିଂ ହେବା ଛାତ୍ରଛାତ୍ରୀଙ୍କୁ ଚିନ୍ତାରେ ପକାଇଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ଗଞ୍ଜାମ ଜିଲ୍ଲା ପରିବହନ କାର୍ଯ୍ୟାଳୟ, ଓଡିଶା ଷ୍ଟାଫ୍ ସିଲେକ୍‌ସନ୍ କମିଶନ୍ ୱେବ୍‌ସାଇଟ୍, ଓୟୁଏଟିର ୱେବ୍‌ସାଇଟ୍, କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ସ୍ଥିତ ଶ୍ରୀ ଶ୍ରୀ ବାୟା ବାବା କଲେଜ୍‌ର ୱେବ୍‌ସାଇଟ୍ ଇତ୍ୟାଦି ୱେବସାଇଟ୍ ହ୍ୟାକ୍ କରାଯାଇଥିବା ଅଭିଯୋଗ ଆସିଥିଲା ।

ସୂଚନା

ସ୍ମୃତିରଞ୍ଜନ ସାହୁ, ପିତା-ସୁରେଶ ସାହୁ,ଗ୍ରାମ-ଜଗନ୍ନାଥପୁର ପୋ/ଥାନା-ରଘୁନାଥପୁର ଜି-ଜଗତସିଂହପୁର, କଟକ ପାରାଦ୍ୱୀପ ଟ୍ରେନରେ ଯାଉଥିବା ସମୟରେ S.L.C. and Conduct certificate ସହ ଅନ୍ୟାନ୍ୟ କାଗଜପତ୍ର ଥିବା ଫାଇଲଟି ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ଫାଇଲଟିକୁ ପାଇଥାନ୍ତି ତାହା ହେଲେ ୯୯୩୭୩୬୯୩୨୦ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ରଞ୍ଜନ କୁମାର ଲେଙ୍କା,
ରଘୁନାଥପୁର

ODISHA STATE HOUSING BOARD
SACHIVALAYA MARG, BHUBANES WAR - 751001
EPABX: (0674) 2393524,2390141,2391542 FAX: (0674) 2393952
Visit us at : http://www.oshb.org
No. 6649 /OSHB Dated 09.05.2016
File No - 95 (Pt)/2010

TENDER CALL NOTICE No. 04 /C.E/OSHB/2016-17

Sealed tenders are invited by the Chief Engineer, OSHB for the work as per the Schedule below

Sl. No.	Name of the Work	Value of Work (in lakhs)	E.M.D (in Rupees)	Non-refundable Cost of Document Cash or D.D	Period of Completion	Class / Type of Contractor / Agency	Head of deposit of E.M.D
01	02	03	04	05	06	07	08
01	Shifting. dismantling and erection of 11 KV line passing over the residential building of Housing Board colony at Kaki, Sunabeda.	Rs.2.03	2030.00	Rs.2000.00+ VAT @ 5 %	01 month	H.T Electrical Contractor	Orissa Housing Board Works Fund No. XII

1. Place/ Date/ Time for sale of tender document Consisting of DTCN & Tender Schedule :- From dt 11.05.2016 in the office of Project Engineer (Electrical) OSHB, Bhubaneswar in Office hours.
2. The last date for Sale/ receipt of tender document - dt. 24.05. 2016 up to 3.00 P.M.
3. Opening of sealed tender documents - At 4.00 P.M on dated 24.05. 2016 in the office Chamber of the Project Engineer (Electrical), OSHB, Bhubaneswar.

The tender must be accompanied along EMD (demand draft or Pay order) - As per the above table. Other details can be seen in the tender document and Specification, Clarification & etc can be obtained from the project Engineer (Electrical) OSHB, Bhubaneswar during the office hours on working days. The authority reserves the right to reject any or all tenders without assigning any reasons thereof.

Sd/-
CHIEF ENGINEER

GOVERNMENT OF ODISHA
OFFICE OF EXECUTIVE ENGINEER-CUM-DEPUTYELECTICAL INSPECTOR, NAYAGARH PLOT NO- GD-2/7, MAITRIVIHAR, CHANDRASEKHARPUR, BBSR-23,
E mail-: deibbsr-od@gov.in
4-AA

Letter No. 102 / Dated 30.04.2016

Sealed quotations are invited from intending house owners to let their building for accommodation of the office of the E.E.-Cum-D.E.I, Nayagarh and AEE-Cum-A.E.I, Nayagarh, so as to reach this office by 30.05.2016
This specification and condition are given below.

1. Carpet area of 1160 Sqft. excluding veranda.
2. Total nos of room 5 to 6.
3. The building should be located within Municipal area.
4. Minimum 400 Sqft free space for parking for vehicle.
5. It must be road side of prime location.
6. The rent of the building shall be paid either quarterly or availability of funds.
7. The expenditure towards temporary partition of the building if required in future will be borne by the quotationer.

The quotation shall be received during working hour up to 3 P.M and shall be opened on the same day i.e on 30.05.2016 at about 4 P.M in office chamber of the undersigned in presence of the available quotationer or their authorized representatives.
Each quotation should be accompanied with the approved building plan of 3 copies with section & elevation. The rent shall be as per R & B fair rent calculation as per Govt. Norms and procedure.
The quotations should be submitted in closed envelop super scribing on top 'Quotation for hiring of private building'. The undersigned reserves the right to reject any or all quotations without assigning any reason thereof.

I&PR : 04047/11/0001/1617 E.E-CUM-D.E.I - NAYAGARH